ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/603/10-07-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର : ୧୦ ଜୁଲାଇ , ୨୦୨୧

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ନିୟୋଜିତ ଶ୍ରମିକମାନଙ୍କୁ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରିଛନ୍ତି । ୩୫୨ କୋଟି ଟଙ୍କାର ଏହି ପ୍ୟାକେଜ୍‌ରେ ଅତିରିକ୍ତ ମଜୁରୀ ବାବଦକୁ ଶ୍ରମିକମାନଙ୍କୁ ୪,୫୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ଯୋଗାଇ ଦିଆଯିବ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୨୧-୨୨ ଆର୍ଥିକ ବର୍ଷର ଅପ୍ରେଲ ୧ରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ 'ମନରେଗା'ରେ କାମ କରିଥିବା ଶ୍ରମିକଙ୍କୁ ନିର୍ଦ୍ଧାରିତ ମଜୁରୀ ବ୍ୟତୀତ ଦୈନିକ ୫୦ ଟଙ୍କା ହିସାବରେ ଏହି ସହାୟତା ରାଶି ପ୍ରଦାନ କରାଯିବ । ସିଧାସଳଖ ବ୍ୟାଙ୍କ ଖାତାକୁ ଏହି ରାଶି ପଠାଯାଇଥିବାବେଳେ ରାଜ୍ୟର ୩୨ ଲକ୍ଷ ଶ୍ରମିକ ଭାଇଭଉଣୀ ଏହା ଦ୍ୱାରା ଉପକୃତ ହେବେ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଲକ୍‌ଡାଉନ୍ ଓ ସଟ୍‌ଡାଉନ୍‌ରେ ଜୀବିକା ପ୍ରଭାବିତ ହୋଇଥିବାରୁ ଏହି ସହାୟତା ରାଶି ଦ୍ୱାରା ଶ୍ରମିକ ପରିବାରର ଆର୍ଥିକ ଅସୁବିଧା ଦୂର ହେବ ବୋଲି ଆଶା ପ୍ରକାଶ କରିଛନ୍ତି । ଏଥି ସହ ଜିଲ୍ଲାସ୍ତରରେ ଅଧିକ ଶ୍ରମ ଦିବସ ସୃଷ୍ଟି କରି ଯେପରି ରୋଜଗାର ସୁନିଶ୍ଚିତ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଭିଡ୍ ସମୟରେ ସ୍ନାତକ ଛାତ୍ରଛାତ୍ରୀଙ୍କ ସୁବିଧାରେ ପାଠପଢ଼ା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ 'ଇ-ଲେକ୍‌ଚର' ବ୍ୟବସ୍ଥା ଲୋକାର୍ପିତ ହୋଇଛି । http://vtputkal.odisha.gov.in ରେ ବର୍ତ୍ତମାନ ପ୍ରଥମ ଓ ଦ୍ୱିତୀୟ ସେମିଷ୍ଟରର ୧୧ଟି ବିଷୟ ଉପଲବ୍ଧ ହେଉଥିବାବେଳେ ପର୍ଯ୍ୟାୟକ୍ରମେ ଅନ୍ୟ ସେମିଷ୍ଟାରର ବିଷୟଗୁଡ଼ିକୁ ଏଥିରେ ସାମିଲ କରାଯିବ ବୋଲି ସେ କହିଛନ୍ତି ।

'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୧,୪୪,୯୦,୦୨୧ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୯,୩୭,୪୭୦ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୯,୦୬,୫୧୯ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୪,୫୩୪ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୨୬,୩୬୪ ରହିଛି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**